## କେନ୍ଦୁଝର : ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ :

## କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧଶାଳୀ ଜିଲ୍ଲା ଭାବେ ଗଢି ତୋଳିବା ସହ ସମୃଦ୍ଧ ଓ ସଶକ୍ତ ଓଡିଶା ତଥା ବିକଶିତ ଭାରତ ଗଠନ ପାଇଁ ସଂକଳ୍ପ ନିଅନ୍ତୁ : ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ

କେନ୍ଦୁଝର, ୧୫.୦୮. କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୭୬ ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ତା ୧୫.୦୮.୨୦୨୨ରିଖ ସୋମବାର ଦିନ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କେନ୍ଦୁଝର ଷ୍ଟାଡିୟମ୍‌ରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶାର ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ ଜାତୀୟ ପତାକା ଉତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ଉଦ୍‌ବୋଧନ ଛଳରେ ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ସ୍ୱାଧିନତା ଦିବସ ହେଉଛି ଆତ୍ମ ସମୀକ୍ଷା, ସ୍ମୃତି ଓ ସଂକଳ୍ପର ଦିନ । ସ୍ୱାଧୀନତା ସଂଗ୍ରାମୀମାନେ ଯେଉଁ ସ୍ୱପ୍ନର ଆଧାରରେ ଆମ ପାଇଁ ସ୍ୱାଧୀନତା ଦେଇଛନ୍ତି, ସେମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ଆମକୁ ପୁନଃ ସଂକଳ୍ପବଦ୍ଧ ହେବାକୁ ପଡିବ । ଭାରତର ସାର୍ବଭୌମତ୍ୱକୁ ଅକ୍ଷୁର୍ଣ୍ଣ ରଖିବା ସଙ୍ଗେ ସଙ୍ଗେ ଆମ ରାଜ୍ୟକୁ ତଥା ଦେଶକୁ ପ୍ରଗତି ପଥରେ ଆଗେଇ ନେବାକୁ ହେବ । କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧଶାଳୀ ଜିଲ୍ଲା ଭାବେ ଗଢି ତୋଳିବା ସହ ସମୃଦ୍ଧ ଓ ସଶକ୍ତ ଓଡିଶା ତଥା ବିକଶିତ ଭାରତ ଗଠନ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଛନ୍ତି । ଏତଦ୍‌ବ୍ୟତୀତ ଦେଶ ପ୍ରତି ସମସ୍ତେ ପ୍ରତିବଦ୍ଧତା ରଖିବାକୁ ନିବେଦନ କରିଛନ୍ତି । ଦେଶଭକ୍ତ କ୍ରାନ୍ତିକାରୀ ମୁକ୍ତିଯୋଦ୍ଧା ଯେଉଁମାନଙ୍କର ଉତ୍ସର୍ଗୀକୃତ ପ୍ରୟାସ ଓ ଅକ୍ଲାନ୍ତ ପରିଶ୍ରମ, ଅସୀମ ତ୍ୟାଗ ଓ ବଳିଦାନ ଫଳରେ ପରାଧିନ ଭାରତ ସ୍ୱାଧୀନତାର ସୂର୍ଯ୍ୟ ଦେଖିଥିଲା, ସେହି ସଂଗ୍ରାମୀମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ କେନ୍ଦୁଝର ଜିଲ୍ଲାର ଅଲିଭା ସ୍ୱାକ୍ଷର ରହିଛି । ବ୍ରିଟିଶ୍ ଶାସନ ସମର୍ଥନରେ ତତ୍‌କାଳୀନ ରାଜତନ୍ତ୍ର ଶାସନର ଶୋଷଣ ବିରୁଦ୍ଧରେ ଶାନ୍ତ, ସରଳ ଓ ଅତ୍ୟାଚାରିତ ଅଧିବାସୀଙ୍କୁ ରକ୍ଷା କରିବା ପାଇଁ କେନ୍ଦୁଝର ଜିଲ୍ଲାର ଧରଣୀଧର ଭୂୟାଁଙ୍କ ବିପ୍ଲବର କାହାଣୀ ଓଡିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ଏତଦ୍‌ବ୍ୟତୀତ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କର ଅମାପ ବୀରତ୍ୱ, ସାହାସ ଓ ଦମ୍ଭ ଚିରକାଳ କ୍ରାନ୍ତିର ପ୍ରାଣ ଓ ପ୍ରେରଣା ହୋଇ ରହିଥିବ ବୋଲି କହିଥିଲେ । ଦେଶ ଓ ରାଜ୍ୟର ବିକାଶ ସହିତ କେନ୍ଦୁଝର ଜିଲ୍ଲାର ବିକାଶ ତ୍ୱରାନ୍ୱିତ ହୋଇଛି । ଜିଲ୍ଲାରେ ସ୍ୱାସ୍ଥ୍ୟସେବା, କୃଷି, ଜଳସେଚନ, ଶିକ୍ଷା, ପାନୀୟ ଜଳ ଯୋଗାଣ, ଜୀବିକାର୍ଜନ ଓ ଭିତିଭୂମିରେ ବିକାଶ ଘଟିଛି । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଜିଲ୍ଲାର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ସହିତ ନୂଆ ସମ୍ଭାବନା ସାଜିଛି ବୋଲି କହିଥିଲେ । ଡି.ଏମ୍.ଏଫ୍. ସହଯୋଗରେ ଜିଲ୍ଲାର ଭିତିଭୂମିର ବିକାଶ, ଶିକ୍ଷାନୁଷ୍ଠାନ ଭିତିଭୂମିର ବିକାଶ, ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତି ପ୍ରଦାନ, କଟକ ଏସ୍.ସି.ବି. ମେଡିକାଲ୍ କଲେଜ୍‌ରେ ଉଚ୍ଚତର ଚିକିତ୍ସା ପାଇଁ ଯାଉଥିବା ରୋଗୀ ଓ ରୋଗୀଙ୍କ ସଂପର୍କୀୟଙ୍କ ସୁବିଧା ପାଇଁ ସଂଜିବନୀ କାର୍ଯ୍ୟକ୍ରମ, ଡିଜିଟାଲ୍ ଡିସ୍‌ପେନ୍‌ସାରୀ ମାଧ୍ୟମରେ ସେବା ପ୍ରଦାନ, ଡାକ୍ତର ଓ ପାରା ମେଡିକାଲ୍ ଷ୍ଟାଫ୍ ନିଯୁକ୍ତି, ପିଲାମାନଙ୍କର କୁପୋଷଣ ଦୂର କରିବା ପାଇଁ କାର୍ଯ୍ୟକ୍ରମ, ମା'ଗୃହ ପ୍ରତିଷ୍ଠା, ଶିଶୁ ପ୍ରଯତ୍ନ ଅନୁଷ୍ଠାନ ସ୍ଥାପନ, ମିଲେଟ୍ ମିଶନ କାର୍ଯ୍ୟକ୍ରମ, ଅଙ୍ଗନୱାଡି ଗୃହ ନିର୍ମାଣ ଇତ୍ୟାଦି କାର୍ଯ୍ୟକ୍ରମ ଜିଲ୍ଲାର ପ୍ରଗତିରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛି । ରତ୍ନଗର୍ଭା କେନ୍ଦୁଝର ମାଟିରେ ବିପୁଳ ପରିମାଣରେ ଖଣିଜ ସଂପଦ ଭରି ରହିଛି । ପ୍ରାକୃତିକ ସଂପଦ ଏବଂ ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ କରି ଜିଲ୍ଲାକୁ ଏକ ସମୃଦ୍ଧଶାଳୀ ଜିଲ୍ଲାରେ ପରିଣତ କରିବାକୁ ସମସ୍ତେ ସାମୁହିକ ଉଦ୍ୟମ କରିବାର ଆବଶ୍ୟକତା ରହିଛି । ଭାଷଣ ପ୍ରସଙ୍ଗରେ ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ଓଡିଶାରେ ବିକାଶର ନୂଆଯୁଗ ଚାଲିଛି । ଆଜି ବିକାଶ ପ୍ରତିଟି ମଣିଷ ପାଖରେ ପହଂଚିପାରିଛି । ଜରାୟୁରୁ ଜୁଇ ପର୍ଯ୍ୟନ୍ତ ମା' ପେଟରୁ ମଶାଣି ଘାଟ ଯାଏଁ ସରକାର ସୁବଠି ସମସ୍ତଙ୍କ ସହ ରହିଛନ୍ତି । ବସୁନ୍ଧରା ଯୋଜନାରେ ଘରଡିହଶୂନ୍ୟ ବ୍ୟକ୍ତିଙ୍କୁ ଘରଡିହ ଜମି ଯୋଗାଇଦେଉଛନ୍ତି । କୃଷି, ସ୍ୱାସ୍ଥ୍ୟ, ଜଳସେଚନ, ପାନୀୟଜଳ କ୍ଷେତ୍ରରେ ଜନସାଧାରଣଙ୍କୁ ଗୁଣାତ୍ମକ ସେବା ଯୋଗାଇବା ସରକାର ପ୍ରାଥମିକତା ଦେଇଛନ୍ତି । ୫ଟି ଆଧାରରେ ରାଜ୍ୟ ସରକାରଙ୍କ ସବୁ ଯୋଜନା କାର୍ଯ୍ୟକାରୀ ହେଉଛି । ୫ଟି ଅନ୍ତର୍ଗତ ବିଦ୍ୟାଳୟ ରୂପାନ୍ତରଣ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ଆଣିଛି, ଯାହା ଦ୍ୱାରା ଗାଁର ପିଲାମାନେ ମଧ ପାଠପଢା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବାର ସୁଯୋଗ ସୃଷ୍ଟି କରିଛି । ଗାଁ ଗହଳିର ରାସ୍ତାର ଉନ୍ନତିକରଣ ସହିତ ଗାଁରୁ ବ୍ଲକ୍ ଓ ଜିଲ୍ଲା ସଦର ମହକୁମା ପର୍ଯ୍ୟନ୍ତ ରାସ୍ତାର ବିକାଶ କରାଯାଉଛି । ପିଲାମାନଙ୍କର ଖେଳିବା ପାଇଁ ଷ୍ଟାଡିୟମ୍ ନିର୍ମାଣ କରାଯାଉଛି । ପ୍ରତ୍ୟେକ କ୍ଷେତ୍ରରେ ଆମେ ଆଶାଜନକ ସଫଳତା ହାସଲ କରିଛୁ । ଆମ ରାଜ୍ୟ ସରକାର ଆମର ପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ କ୍ଷେତ୍ରରେ ଲକ୍ଷ୍ୟ

Contd.. 1/2

(P-2)

ସାଧନରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ସାଢେ ଚାରିକୋଟି ଓଡିଶାବାସୀଙ୍କ ଆଶା ଓ ସ୍ୱପ୍ନକୁ ସାକାର କରିବା ପାଇଁ ଓଡିଶା ଆଜି ବିକାଶ ପଥରେ ଆଗେଇ ଚାଲିଛି । ସ୍ଥାୟୀ ବିକାଶର ଲକ୍ଷ୍ୟ ହାସଲରେ ଓଡ଼ିଶା ଦେଶର ପ୍ରମୁଖ ପ୍ରଗତିଶୀଳ ରାଜ୍ୟର ମାନ୍ୟତା ପାଇଛି ବୋଲି ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ କହିଥିଲେ । ଏହି ଅବସରରେ କ୍ରୀଡା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ସୁଶ୍ରୀ ମନିକା ନାଏକ ଓ ସୁଶ୍ରୀ କ୍ଷଣପ୍ରଭା ନାୟକ ଏବଂ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସାଫଲ୍ୟ ହାସଲ କରିଥିବା ୧୦ ଜଣ ଅଗ୍ରଣୀ କୃଷକଙ୍କୁ ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହର ବିଭିନ୍ନ କାର୍ଯ୍ୟକ୍ରମ ସଂପାଦିତ ହୋଇଥିଲା । ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର ସଂଜୀବ ବାରିକ ସମାରୋହର ଧାରାବିବରଣୀ ପ୍ରଦାନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ବିମଳ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଆର୍ମଡ୍ ପୋଲିସ୍ ଫୋର୍ସ, ଗୃହରକ୍ଷୀ ବାହିନୀ ଏବଂ ପୋଲିସ୍ ବ୍ୟାଣ୍ଡ ବାହିନୀ ରାଷ୍ଟ୍ରୀୟ ଧ୍ୱଜାକୁ ସମ୍ମାନ ଜଣାଇଥିଲେ ଏବଂ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ । ଏହି ସମାରୋହରେ କେନ୍ଦୁଝର ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସାଗରିକା ସାହୁ, ଡି.ଏଫ୍.ଓ. ଧନରାଜ ଏଚ୍.ଡି., ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା, ଜିଲ୍ଲା ପରିଷଦ ଉପାଧକ୍ଷ ସୋମନାଥ ଦାସ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବରଂଚି ପ୍ରସାଦ ଦେହୁରୀ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର, କେନ୍ଦୁଝରଗଡ଼ ପୌରପାଳିକାର ଉପାଧକ୍ଷ ବରଦା ପ୍ରସନ୍ନ ଦାଶ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କୋଭିଡ୍ ଯୋଦ୍ଧା, ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ । ଏସ୍.ଡି.ପି.ଓ. ପ୍ରକାଶ ଜେମସ୍ ଟୋପ ଏବଂ ଟାଉନଥାନା ଇନସ୍‌ପେକ୍ଟର ପ୍ରମୋଦିନୀ ସାହୁଙ୍କ ନେତୃତ୍ୱରେ ଆରକ୍ଷୀ ବାହିନୀ ଶାନ୍ତିଶୃଙ୍ଖଳା ଦାୟିତ୍ୱ ନିର୍ବାହ କରିଥିଲେ । ଜିଲ୍ଲାସ୍ତରୀୟ ସମାରୋହ ପରେ ପରେ ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ ଲାବଣ୍ୟ ଛକ ନିକଟସ୍ଥ ଉନ୍ନୀତ ପରିବେଶ ଉଦ୍ୟାନକୁ ଲୋକାର୍ପଣ କରିଥିଲେ । ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ ସକାଳେ ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପ୍ରତ୍ୟୁଷରେ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ସହରରେ ରାମଧୂନ ପ୍ରଚାର କରାଯାଇଥିଲା । କୋଭିଡ୍ ନିୟମାବଳୀ ତଥା ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଶୃଙ୍ଖଳିତ ଭାବେ ସମ୍ପାଦିତ ହୋଇଥିଲା ।

ସ୍ୱାଂ/- [signature] 15/8/2021

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର